## ସଂକ୍ଷେପରେ

### ସ୍କୁଟିକୁ ପିଟିଲା ବାଇକ୍, ଯୁବକ ମୃତ

ଧରାକୋଟ,୧୦।୪(ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଧରାକୋଟ ବ୍ଲକ ତଥା ବଡଗଡ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଶାସନ ଛକରେ ଶୁକ୍ରବାର ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରୁଗୁମୁ ପଞ୍ଚାୟତ କାନଗିରିଡି ଗ୍ରାମର ଅଭିରାମ ସେଠୀଙ୍କ ପୁଅ ଚନ୍ଦନ ସେଠୀ (୨୨)। ଚନ୍ଦନ ନିଜ ସ୍କୁଟିରେ ମୁକ୍ତାପୁଞ୍ଜି ଗ୍ରାମରୁ ଦଣ୍ଡନାଚ ଦେଖି ଅପରାହ୍ନରେ ଗାଁକୁ ଏକା ଫେରୁଥିଲେ । ଏହି ସମୟରେ ରୁଗୁମୁ ପଟୁ ଆସିକା ଆଡ଼କୁ ଗୋଟିଏ ବାଇକରେ ଯାଉଥିବା ୩ ଯୁବକ ଜଗନ୍ନାଥପୁର ଶାସନ ଛକ ବାଙ୍କରେ ଚନ୍ଦନଙ୍କ ସ୍କୁଟିକୁ ଧକ୍କା ଦେଇ ପଳାଇଥିଲେ । ଚନ୍ଦନ ଗୁରୁତର ଅବସ୍ଥାରେ ସେଠାରେ ପଡିରହିଥିବା ବେଳେ ଲୋକେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ଧରାକୋଟ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇଥିବା ବାଇକ ଆରୋହୀମାନଙ୍କୁ ବଡଗଡ ପୋଲିସ ଖୋଜୁଛି।

### ଦାଦି ରତନ ମୋହିନୀଙ୍କ ସ୍ମୃତି ଦିବସ

କବିସୂର୍ଯ୍ୟନଗର,୧୦।୪(କୃପାସିନ୍ଧୁ ସ୍ୱାଇଁ): କବିସୂର୍ଯ୍ୟନଗରସ୍ଥିତ ପ୍ରଜାପିତା ବ୍ରହ୍ମା କୁମାରୀସ ପ୍ରଭୁପ୍ରୀତ ଭବନରେ ବ୍ରହ୍ମାକୁମାରୀ ସୁଜ୍ଞାନୀଙ୍କ ତତ୍ତ୍ୱାବଧାନରେ ରାଜଯୋଗିନୀ ଦାଦି ରତନ ମୋହିନୀଜୀଙ୍କ ୩ୟ ପୁଣ୍ୟ ସ୍ମୃତି ଦିବସ ପାଳିତ ହୋଇଯାଇଛି। ସୁଜ୍ଞାନୀ ସଂକ୍ଷେପରେ ଦାଦିଙ୍କ ଜୀବନଚାରଣ କରିଥିଲେ। ୧୯୨୫ ମାର୍ଚ୍ଚ ୨୫ରେ ଅବିଭାଜିତ ଭାରତର ସିନ୍ଧ ପ୍ରଦେଶସ୍ଥିତ ହାଇଦ୍ରାବାଦର ଏକ ଶ୍ରଦ୍ଧାଳୁ ପରିବାରରେ ଜନ୍ମିତ ରତନ ମୋହିନୀଜୀ ଆଧ୍ୟାତ୍ମିକ ଆକାଶର ଏକ ଅମ୍ଳାନ ଜ୍ୟୋତିଷ୍କ ଥିଲେ ବୋଲି ସେ କହିଥିଲେ। ମାତ୍ର ୧୨ ବର୍ଷ ବୟସରେ ସେ ସଂସ୍ଥାପକ ପ୍ରଜାପିତା ବ୍ରହ୍ମାବାବାଙ୍କ ଦିବ୍ୟ ପ୍ରଭାବରେ ଆସି ନିଜକୁ ଈଶ୍ୱରୀୟ ସେବାରେ ସମର୍ପିତ କରିଦେଇଥିଲେ। ଦାଦି ରତନ ମୋହିନୀଙ୍କ ଜୀବନୀ ଆମକୁ ଶିଖାଏ ଯେ, ପରମାତ୍ମାଙ୍କ ସହ ସଠିକ ସମ୍ପର୍କ ଗଢ଼ିଲେ ଜୀବନ ଦିବ୍ୟ ଓ ମୂଲ୍ୟବାନ ହୋଇଯାଏ। ସ୍ମୃତି ଦିବସରେ ୫୦ରୁ ଊର୍ଦ୍ଧ୍ୱ ବ୍ରହ୍ମାବତ୍ସ, ତାଙ୍କର ଆଦର୍ଶକୁ ଅନୁସରଣ କରି ନିଜ ଜୀବନକୁ ଶ୍ରେଷ୍ଠ କରିବା ପାଇଁ ଶପଥ ନେଇଥିଲେ ।

### ଶ୍ରେଣୀଗୃହ ଅଭାବକୁ ନେଇ ଅଭିଭାବକଙ୍କ ଅସନ୍ତୋଷ

ଗଞ୍ଜାମ,୧୦।୪(ବିଦ୍ୟାଧର ସାହୁ) ଗଞ୍ଜାମ ଏନ୍ଏସି ଅନ୍ତର୍ଗତ ଦାମୋଦରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ୧୯୭୫ରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟରେ ଶିଶୁ ବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୮୭ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ହେଲେ ବିଦ୍ୟାଳୟରେ ମାତ୍ର ମାତ୍ର ୪ଟି ଶ୍ରେଣୀଗୃହ ରହିଛି। ଏନେଇ ଅଭିଭାବକ ମହଲରେ ଅସନ୍ତୋଷ ବୃଦ୍ଧି ପାଉଛି। ବିଦ୍ୟାଳୟରେ ଦାମୋଦରପୁର ସମେତ ଗଞ୍ଜାମ, ପୁଇଁତୋଳା, ବିଛଣାପଲ୍ଲୀ, କାଇଁଚପୁର, କଲ୍ୟାଣପୁର, ଝରାପଦର, ବିରିପୁର, ଅଲ୍ୟାବାଦ, କରପଡ଼ା ଅଞ୍ଚଳରୁ ପିଲାମାନେ ବିଦ୍ୟା ଅଧ୍ୟୟନ କରୁଥିଲେ। କିନ୍ତୁ ଏହି ସ୍କୁଲର ଭିତ୍ତିଭୂମିର ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉନଥିବା ଯୋଗୁ ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଉଛି। ତୁରନ୍ତ ଶ୍ରେଣୀ ଗୃହ ନିର୍ମାଣ କରିବା ଲାଗି ଜିଲା ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଦାବି ହେଉଛି।

# ଓଡ଼ିଶା ଅର୍ଥନୀତିର ଆକାର ୯.୮୮ ଲକ୍ଷ କୋଟି

ଛତ୍ରପୁର,୧୦।୪(ଦିଲୀପ ସାମଲ):



ବର୍ତ୍ତମାନର ସରକାର ଲୋକଙ୍କ ସରକାର। ତେଣୁ ଜନସାଧାରଣ ଯୋଜନାଠାରୁ ଆରମ୍ଭ କରି ବଜେଟ ଯାଏଁ ସମସ୍ତ କଥା ଜାଣିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହି ଆସୁଛନ୍ତି। ସେହିକ୍ରମରେ ଶୁକ୍ରବାର ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଗଞ୍ଜାମ ଜିଲା ସଚିବ ଅରବିନ୍ଦ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଛତ୍ରପୁରସ୍ଥିତ ଋଷିକୂଲ୍ୟା ସମ୍ମିଳନୀ କକ୍ଷଠାରେ ଆମେ ଜାଣିବା ଆମ ବଜେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ବଜେଟ ୨୦୨୬-୨୭ରେ ଆର୍ଥିକ ଦୁର୍ବଳ, ଯୁବକ ଯୁବତୀ, ଅନ୍ନଦାତା ଓ ନାରୀ ଶକ୍ତିକୁ ପ୍ରାଧାନ୍ୟ ଦିଆଯାଇଛି । ଏହା ସହିତ ଏହି ବଜେଟ ରେ ସମୃଦ୍ଧ ଓଡିଶା ୨୦୩୬ ଓ ବିକଶିତ ଭାରତ-୨୦୪୭ ଭିଜନ ଲକ୍ଷ୍ୟ ହାସଲ ପାଇଁ ସୁପରିକଳ୍ପିତ ବ୍ୟବସ୍ଥା କରାଯାଇଛି । ଓଡିଶାର ଅର୍ଥନୀତିର ଆକାର ୯.୮୮ ଲକ୍ଷ କୋଟି ଟଙ୍କା ଏବଂ ୨୦୨୫-୨୬ରେ ଆର୍ଥିକ ଅଭିବୃଦ୍ଧି ହାର ୭.୯ ପ୍ରତିଶତ ବୋଲି ଅଗ୍ରୱାଲ ସୂଚନା ଦେଇଥିଲେ। ସରକାର ଓଡିଶାର ଅର୍ଥନୀତିକୁ ୨୦୩୬ ସୁଦ୍ଧା ୫୦୦ ବିଲିୟନ ଡଲାର୍ ଅର୍ଥନୀତି ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାର୍ ଅର୍ଥନୀତିରେ ପରିଣତ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ବୋଲି ସେ ସୂଚନା ଦେଇଥିଲେ । ଓଡିଶାର ଯୋଗାଯୋଗକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର କେନ୍ଦ୍ର ବଜେଟ ୨୦୨୬-୨୭ ରେ ୧୦୯୨୮ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି । ଷୋଡଶ ଅର୍ଥ କମିଶନ ତାଙ୍କର ଆୱାର୍ଡ ପିରିୟଡ (୨୦୨୬-୨୭ରୁ ୨୦୩୦-୩୧) ମଧ୍ୟରେ କେନ୍ଦ୍ରୀୟ ଟିକସରୁ ରାଜ୍ୟର ଅଂଶ ଭାବେ ୪.୬୨ ଲକ୍ଷ କୋଟି ଟଙ୍କା ଓଡିଶା ପାଇବ ବୋଲି ଆକଳନ କରିଛନ୍ତି। ଯାହାକି ପୂର୍ବ ଆୱାର୍ଡ ପିରିୟଡ ଅର୍ଥ ଠାରୁ ପ୍ରାୟ ୨ ଲକ୍ଷ କୋଟି ଟଙ୍କା ଅଧିକ ବୋଲି ସେ ସୂଚନା ଦେଇଥିଲେ। ଏହା ସହିତ କେଉଁ କ୍ଷେତ୍ରକୁ କେତେ ଅର୍ଥ ଦିଆଯାଇଛି ସେ ସମ୍ପର୍କରେ କମିଶନର ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ସଂଗଠନର କର୍ମକର୍ତ୍ତା, କ୍ଷେତ୍ର ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ବୁଦ୍ଧିଜୀବୀମାନେ ଗଞ୍ଜାମ ଜିଲାର କେତେକ ଆବଶ୍ୟକି ବଜେଟରେ ସାମିଲ କରିବା ପାଇଁ ଅନୁରୋଧ କରିଥିଲେ। କମିଶନର ଅଗ୍ରୱାଲ ବଜେଟ ସମ୍ପର୍କରେ ଜନସାଧାରଣଙ୍କୁ ବୈଠକ, ସାମାଜିକ ଗଣମାଧ୍ୟମ ଆଦି ମାଧ୍ୟମରେ ସଚେତନ କରିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ମହାନଗର ନିଗମ କମିଶନର ସସ୍ୟ ରେଡ୍ଡୀ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

**ଛତ୍ରପୁରରେ ଆମେ ଜାଣିବା ଆମ ବଜେଟ କାର୍ଯ୍ୟକ୍ରମ**

# କ୍ଷୁଦ୍ର ଚଳଚ୍ଚିତ୍ର 'ଅଦମ୍ୟ' ପାଇଁ ପୁରସ୍କୃତ ହେବେ ସୀମାଞ୍ଚଳ

ଆସିକା,୧୦।୪(ସୁରେନ୍ଦ୍ର ନାଥ ସାହୁ):



ସୀମାଞ୍ଚଳ ମହାରଣା।

ଆସିକା ଡାକମଣ୍ଡଳରେ କାର୍ଯ୍ୟରତ ଯୁବ ଲେଖକ ସୀମାଞ୍ଚଳ ମହାରଣା ଅନ୍ତର୍ଜାତୀୟ ଫିଲ୍ମ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି। ତାଙ୍କ ରଚିତ କ୍ଷୁଦ୍ର ଚଳଚ୍ଚିତ୍ର 'ଅଦମ୍ୟ' ପାଇଁ ସେ ଏହି ପୁରସ୍କାର ପାଇବେ। ଆସନ୍ତା ମାସରେ ମହାରାଷ୍ଟ୍ରର ଔରଙ୍ଗାବାଦ (ଶାମ୍ଭାଜିନଗର)ଠାରେ ହେବାକୁ ଥିବା ରିଲସ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ୨୦୨୬ରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ଆୟୋଜକଙ୍କ ପକ୍ଷରୁ ସୀମାଞ୍ଚଳଙ୍କୁ ପୁରସ୍କାର ଗ୍ରହଣ ଲାଗି ଉପସ୍ଥିତ ହେବା ନିମନ୍ତେ ମହୋତ୍ସବର ନିର୍ଦ୍ଦେଶକ ଏକ ବାର୍ତ୍ତା ପଠାଇଥିବା ଜଣାପଡିଛି। ଡି.କେ. ଫିଲ୍ମ ବ୍ୟାନରରେ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ନିର୍ଦ୍ଦେଶକ କ୍ରିଷ୍ଣା ଡିକେଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଚଳଚ୍ଚିତ୍ର ଗଞ୍ଜାମ ଜିଲା ତଥା ରାଜ୍ୟର ବିଭିନ୍ନ ଲୋକକଳା ଉପରେ ଆଧାରିତ। ଏହି ଚଳଚ୍ଚିତ୍ର ୨୦୨୫ ଫେବୃଆରୀରେ ପ୍ରଥମେ ଆସିକା ସିନେମା ହଲରେ ମୁକ୍ତି ଲାଭ କରିଥିଲା। ପରେ ଭୁବନେଶ୍ୱର ସମେତ ଦେଶର ବିଭିନ୍ନ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇଥିଲା । ସୂଚନା ଯୋଗ୍ୟ, ପୂର୍ବରୁ ଆସିକା ଥାନା ସମଗ୍ର ଭାରତରେ ଶ୍ରେଷ୍ଠ ସ୍ଥାନ ବିବେଚିତ ହେବା ପରେ ଏହି ବିଷୟବସ୍ତୁ ଉପରେ ସୀମାଞ୍ଚଳ ମହାରଣାଙ୍କ ରଚିତ ଓ କ୍ରିଷ୍ଣା ଡିକେଙ୍କ ଦ୍ୱାରା ନିର୍ମିତ କ୍ଷୁଦ୍ର ଚଳଚ୍ଚିତ୍ର 'ଅଦ୍ୱିତୀୟ' ଦେଶ ତଥା ଦେଶ ବାହାରେ ବିଭିନ୍ନ ଚଳଚ୍ଚିତ୍ର ମହୋତ୍ସବରେ ଅଂଶ ଗ୍ରହଣ କରି ୧୦ରୁ ଅଧିକ ଅନ୍ତର୍ଜାତୀୟ ପୁରସ୍କାର ଲାଭ କରିଥିଲା । ଏହି କ୍ଷୁଦ୍ର ଚଳଚ୍ଚିତ୍ର ପାଇଁ କଥାକାର ସୀମାଞ୍ଚଳ ୪ଟି ଅନ୍ତର୍ଜାତୀୟ ଶ୍ରେଷ୍ଠ ଚଳଚ୍ଚିତ୍ର ଲେଖକ ପୁରସ୍କାର ପାଇଥିବା ଜଣାପଡିଛି ।

## ଜିଲାସ୍ତରୀୟ 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ

# ଲୋକକଳା ବଞ୍ଚାଇ ରଖିବାକୁ ଉତ୍ତରପିଢ଼ି ସୃଷ୍ଟି କରିବାକୁ ପଡିବ

ଛତ୍ରପୁର,୧୦।୪(ଦିଲୀପ ସାମଲ):




ଓଡ଼ିଆ ପକ୍ଷ ପାଳନ ଅବସରରେ ଶୁକ୍ରବାର ଗଞ୍ଜାମ ଜିଲା ସଂସ୍କୃତି ଭବନଠାରେ ଲୋକକଳା ପାଇଁ ଦିନଟିଏ ଓ ପାରମ୍ପରିକ କଳାକାରମାନଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପୂର୍ବାହ୍ନରେ ସାଂସ୍କୃତିକ ଶୋଭାଯାତ୍ରାକୁ ଜିଲାପାଳ ଭି. କୀର୍ତ୍ତିଭାସନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଗଞ୍ଜାମର ସମୃଦ୍ଧ ଓ ପୁରାତନ ଲୋକକଳା ଓ ଲୋକସଙ୍ଗୀତର ପ୍ରଚାର ପ୍ରସାର କରିବା ପୂର୍ବକ ଜିଲା ସଂସ୍କୃତି ଭବନଠାରେ ପହଞ୍ଚିଥିଲା । ଏହାପରେ ସଂସ୍କୃତି ଭବନରେ ଲୋକକଳା ଉପରେ ଆଲୋଚନାଚକ୍ର ଓ ଜିଲାର ବରିଷ୍ଠ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଲୋଚନାଚକ୍ରରେ ଅତିରିକ୍ତ ଜିଲାପାଳ ସୁନୀଲ କୁମାର କେର୍କେଟା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଗଞ୍ଜାମର ଲୋକକଳା, ଲୋକ ସଂଗୀତ, ଲୋକସଂସ୍କୃତି ସର୍ବଜନବିଦିତ। ଏ ସବୁକୁ ବଞ୍ଚାଇବାକୁ ହେଲେ ଆମକୁ ଉତ୍ତରପିଢ଼ି ସୃଷ୍ଟି କରିବାକୁ ପଡିବ ବୋଲି କହିଥିଲେ । କାର୍ଯକ୍ରମରେ ରାମଲୀଳା କଳାକାର ଶ୍ୟାମସୁନ୍ଦର ପାଣିଗ୍ରାହୀ, ପାଲା ଗାୟକ ବାଳକୃଷ୍ଣ ନାୟକ, ଗାହଣାର ସୁବାସ ଚନ୍ଦ୍ର ଚୌଧୁରୀ, କୃଷ୍ଣଲୀଳାର ଜି. ହରିବନ୍ଧୁ, ପଶୁମୁଖା ନୃତ୍ୟର ବାଞ୍ଛାନିଧି ଜେନା, ସୂତାକଣ୍ଢେଇ ନାଚର ବୀଭସ ସ୍ୱାଇଁ, ଦାସକାଠିଆ ରବିନାରାୟଣ ଶତପଥୀ, ପ୍ରହ୍ଲାଦ ନାଟକ ବୃନ୍ଦାବନ ଜେନା ଓ ଜନାର୍ଦ୍ଦନ ପ୍ରଧାନ, ଦାଶକାଠିଆ ବାଳକୃଷ୍ଣ ମିଶ୍ର, ଭାରତ ଲୀଳା କଳାକାର ସୁରେନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଉପଜିଲାପାଳ ପାର୍ଥସାରଥୀ ହାଁସଦା, ବେଗୁନିଆପଡା ବିଡ଼ିଓ ସୁନୀଲ ସାମନ୍ତରାୟ, ଜିଲ୍ଲା ସଂସ୍କୃତି ଅଧିକାରିଣୀ ଅଦିତି ଆଚାର୍ଯ୍ୟ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଜନକ ତରାଇ, ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ସନ୍ତୋଷ କୁମାର ପାଢ଼ୀ, ବ ପ୍ରମୁଖ ଉପସ୍ଥିତ ଥିଲେ ।

### ସୁରକ୍ଷିତ ନାରୀ, ସମୃଦ୍ଧ ସମାଜ କାର୍ଯ୍ୟକ୍ରମ

ରାମଗିରି,୧୦।୪(ବୃନ୍ଦାବନ ଗୌଡ଼) ଆର. ଉଦୟଗିରି ବ୍ଲକ ରାମଗିରି ପଞ୍ଚାୟତସ୍ଥିତ ମହେନ୍ଦ୍ରଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆର. ଉଦୟଗିରି ଏସ୍‌ଡିପିଓ ରାକେଶ ସାହୁଙ୍କ ତତ୍ତ୍ୱାବଧାନରେ ସୁରକ୍ଷିତ ନାରୀ, ସମୃଦ୍ଧ ସମାଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସମାଜରେ ମହିଳା ଓ ଯୁବତୀ ମାନଙ୍କୁ ମାନସିକ ଓ ଶାରୀରିକ ସ୍ତରରେ ପ୍ରଦାନ କରାଯାଉଥିବା ନିର୍ଯାତନା ରୋକିବା କିଭଳି ଏହାର ମୁକାବିଲା କରିହେବ ଓ ଦୋଷୀ ପାଇଁ ଆଇନର କେଉଁ ଧାରାରେ ଦଣ୍ଡର ବ୍ୟବସ୍ଥା ରହିଛି ସେ ସମ୍ପର୍କରେ ଉପସ୍ଥିତ ମହିଳାମାନଙ୍କୁ ସଚେତନ କରାଯାଇଛି। ଛୋଟ ଛୋଟ ଶିଶୁ ମାନଙ୍କୁ ପ୍ରଲୋଭନ ଦେଖାଇ ବଳାତ୍କାର କରି ହତ୍ୟା କରିବା, ଘରୋଇ ହିଂସା, ମଦ୍ୟପାନ ପରେ ସ୍ତ୍ରୀଙ୍କୁ ଘରେ ମାରପିଟ୍ କରିବା ଆଦି ସାମାଜିକ ସମସ୍ୟାରୁ ମହିଳାମାନେ କିପରି ନିଜକୁ ମୁକ୍ତ ରଖି ସୁରକ୍ଷିତ ରହିପାରିବେ ସେନେଇ ସାହୁ ବୁଝାଇଥିଲେ। ସେହିଭଳି ଏଥିରେ ଅନ୍ୟତମ ଅତିଥି ରୂପେ ଯୋଗଦେଇ ନାରୀ ସୁରକ୍ଷିତ ରହିଲେ ସମୃଦ୍ଧ ସମାଜ ଗଠନ ହୋଇପାରିବ ବୋଲି ସେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ସମାଜିକ କର୍ମୀ ନିର୍ମଳା ପଟ୍ଟନାୟକ, ଆଇନଜୀବୀ ଭାଗ୍ୟଲକ୍ଷ୍ମୀ ନାୟକ, ପୂର୍ବତନ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ (ଗଜପତି) ପ୍ରମୋଦ ରାଉଳ, ରାମଗିରି ପଞ୍ଚାୟତ ନାଏବ ସରପଞ୍ଚ ରାଜେନ୍ଦ୍ର ମାଝୀ, ପରିସଲ ସରପଞ୍ଚ କୁମାରୀ କାର୍ଜି, ଆର. ଉଦୟଗିରି ଓ ରାମଗିରି ସମେତ ଆଖପାଖ ଅଞ୍ଚଳର ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ରାମଗିରି ଥାନାଧିକାରୀ ଡି. ଗଜପତି ଦୋରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭାଜପା ଭଞ୍ଜନଗର ସାଙ୍ଗଠନିକ ଜିଲାରୁ ୨ ଜଣଙ୍କୁ ନୂଆ ଦାୟିତ୍ୱ



ଜୟନ୍ତୀ ପଡିଆରୀ



ମହେଶ ଚନ୍ଦ୍ର ମହାନ୍ତି

ଭଞ୍ଜନଗର,୧୦।୪(ବାବୁଲା ପ୍ରଧାନ): ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ସ୍ୱତନ୍ତ୍ର ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ଏବଂ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ତାଲିକା ଶୁକ୍ରବାର ଘୋଷଣା ହୋଇଛି। ଏଥିରେ ଭାଜପା ଭଞ୍ଜନଗର ସାଙ୍ଗଠନିକ ଜିଲା (ଘୁମୁସର)ରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଦଳର ପୂର୍ବତନ ରାଜ୍ୟ ମହିଳା ସଭାନେତ୍ରୀ ଜୟନ୍ତୀ ପଡିଆରୀଙ୍କୁ ଚୟନ କରାଯାଇଛି। ସେହିପରି ମହେଶ ଚନ୍ଦ୍ର ମହାନ୍ତିଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରୀତ ସଦସ୍ୟ ଭାବେ ମନୋନୀତ କରାଯାଇଛି। ପୋଲସରା ନିର୍ବାଚନ ମଣ୍ଡଳୀ ବାସିନ୍ଦା ଜୟନ୍ତୀ ଦଳର ବହୁ ପଦ ପଦବୀରେ ରହି ଆସିଛନ୍ତି। ଅନ୍ୟପକ୍ଷରେ ସୋରଡ଼ା ନିର୍ବାଚନ ମଣ୍ଡଳୀ ବାସିନ୍ଦା ମହେଶ ବର୍ତ୍ତମାନ ସ୍ୱଚ୍ଛ ଭାରତ ଅଭିଯାନର ରାଜ୍ୟ କର୍ମକର୍ତ୍ତା ଭାବେ କାର୍ଯ୍ୟ କରୁଛନ୍ତି। ଉଭୟଙ୍କୁ ନୂଆ ଦାୟିତ୍ୱ ମିଳିବା ପରେ ଦଳ ସୋରଡ଼ା, ପୋଲସରା ସମେତ ଅନ୍ୟାନ୍ୟ ନିର୍ବାଚନ ମଣ୍ଡଳୀରେ ଅଧିକ ଶକ୍ତିଶାଳୀ ହେବ ବୋଲି ଆଶା କରାଯାଉଛି। ଭାଜପା ଘୁମୁସର ଆସିକା ସାଙ୍ଗଠନିକ ଜିଲାରୁ ରାଜ୍ୟ କାର୍ଯ୍ୟକାରୀଣି ସଦସ୍ୟ ଭାବେ ଶିଶିର ମିଶ୍ର, ଉତ୍ତମ ପାଣିଗ୍ରାହୀ, ଅରୁଣ ପଣ୍ଡା ମନୋନୀତ ହୋଇଛନ୍ତି। ସେହିପରି ସୂର୍ଯ୍ୟ ନାରାୟଣ ଦାସଙ୍କୁ ନିମନ୍ତ୍ରିତ ସଦସ୍ୟ ଭାବେ ଚୟନ କରାଯାଇଛି। ସୂଚନାଯୋଗ୍ୟ, କିଛିଦିନ ତଳେ ଭଞ୍ଜନଗର ନିର୍ବାଚନ ମଣ୍ଡଳୀ ବାସିନ୍ଦା ତଥା ଭଞ୍ଜନଗର ଭାଜପା ସଙ୍ଗଠନିକ ଜିଲା ସଭାପତି ନୀଳ ମାଧବ ପାତ୍ରଙ୍କୁ ଗଞ୍ଜାମ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଭାବେ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି ।

# ଆର୍ମିରେ ନିଯୁକ୍ତି ଲାଗି ଫୁଲବାଣୀରେ ଖୋଲିବ ତାଲିମ କେନ୍ଦ୍ର

ଫୁଲବାଣୀ,୧୦।୪(ରାକେଶ କୁମାର ରାଉତ) ସେନା ବାହିନୀ ବା ଆର୍ମିରେ ନିଯୁକ୍ତି ଲାଗି ଯୁବକମାନଙ୍କୁ ତାଲିମ ଦେବାକୁ ଫୁଲବାଣୀରେ ଏକ ତାଲିମ କେନ୍ଦ୍ର ଖୁବ୍‌ଶୀଘ୍ର ଖୋଲିବାକୁ ଯାଉଛି। ଏଥିପାଇଁ ଜିଲାପାଳ ଜାଗା ଚିହ୍ନଟ କରିଛନ୍ତି। ଚଳିତବର୍ଷ ଶେଷ ସୁଦ୍ଧା ଏହି ତାଲିମକେନ୍ଦ୍ର ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେବ। ଏକ୍ସ ସର୍ଭିସମ୍ୟାନ (ଇଏସ୍ଏମ)ଙ୍କ ଦ୍ୱାରା ଏହି ତାଲିମ କେନ୍ଦ୍ର ପରିଚାଳିତ ହେବ। ଏକ୍ସ ସର୍ଭିସମ୍ୟାନ ଆସୋସିଏଶନ ପକ୍ଷରୁ ୨୦୨୫ ଫେବୃୟାରୀରେ ମୁଖ୍ୟମନ୍ତ୍ରୀଙ୍କୁ ଏହି ସମ୍ପର୍କରେ ଏକ ସ୍ମାରକ ପତ୍ର ପଠା ଯାଇଥିଲା। ପ୍ରକଳ୍ପ ଉପରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ସରକାର ଆସୋସିଏଶନକୁ ନିର୍ଦ୍ଦେଶ ଦେଇଥିଲେ। କର୍ଣ୍ଣେଲ ଶିଶିର ଘୋଷଙ୍କ ଦ୍ୱାରା ଏହା ଦାଖଲ କରାଯାଇଥିଲା। ଏ ସଂକ୍ରାନ୍ତରେ ଆସୋସିଏଶନ ଏବଂ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଆସିବା ପରେ ଜିଲାପାଳ ବେଦଭୂଷଣ, ଅତିରିକ୍ତ ଜିଲାପାଳ କୁଶଳ ଚନ୍ଦ୍ର ନାୟକ, ପିଏ ଆଇଟିଡିଏ ଗଦାଧର ପାତ୍ର, ପୌର ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି ଫୁଲବାଣୀ କଲେଜ ନିକଟରେ ଥିବା ଏକ ପୁରୁଣା ବନ୍ଦ ସ୍କୁଲ କୋଠାକୁ ତାଲିମ କେନ୍ଦ୍ର ପାଇଁ ଚିହ୍ନଟ କରିଛନ୍ତି। ଏଠାରେ କେବଳ ଏସ୍‌ସି, ଏସ୍‌ଟି ଏବଂ ଓବିସି ବର୍ଗର ଆଶାୟୀ ପ୍ରାର୍ଥୀଙ୍କୁ ତାଲିମ ପ୍ରଦାନ କରାଯିବ।



### ବାଲି ଟିପ୍ପରକୁ ୪ ଲକ୍ଷ ଜରିମାନା

ପାରଳାଖେମୁଣ୍ଡି,୧୦।୪ (ଗିରିଧାରୀ ପରିଚ୍ଛା) ଗଜପତି ଜିଲା ଖଣି ବିଭାଗ ପକ୍ଷରୁ ପାରଳାଖେମୁଣ୍ଡି ସହର ଉପକଣ୍ଠ ବେତାଗୁଡା ଅଞ୍ଚଳରେ ଶୁକ୍ରବାର ଏକ ଚୋରା ବାଲିଚାଲାଣ ଚାଲାଣ କରୁଥିବା ଟିପ୍ପର (ଏପି୩୯ୟୁକ୍ୟୁ- ୫୨୯୬)କୁ ଜବତ କରାଯାଇଛି। ଏହି ଟିପ୍ପର ଯୋଗେ ବାଲି ଚୋରାଚାଲାଣ ହେଉଥିବା ଖବର ପାଇ ଖଣି ଅଧିକାରୀ ଦୀପେନ ପରିଡ଼ା ଓ କର୍ମଚାରୀ ଘଟଣାସ୍ଥଳକୁ ଯାଇ ଟିପ୍ପର ଅଟକାଇ ଯାଞ୍ଚ କରିଥିଲେ। ପରେ ଟିପ୍ପର ଉପରେ ୪ ଲକ୍ଷ ଟଙ୍କା ଜରିମାନା ପକାଯାଇଥିଲ।

# ୩ ଗ୍ରାମ୍ୟ ଉନ୍ନୟନ ରାସ୍ତାର ଭିତ୍ତିପ୍ରସ୍ତର



କବିସୂର୍ଯ୍ୟନଗର,୧୦।୪(କୃପାସିନ୍ଧୁ ସ୍ୱାଇଁ) ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀ ତଥା କବିସୂର୍ଯ୍ୟନଗର ବ୍ଲକର ୩ଟି ପଞ୍ଚାୟତର ୩ଟି ଗ୍ରାମ୍ୟ ଉନ୍ନୟନ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଶୁକ୍ରବାର କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ୭କୋଟି ବ୍ୟୟବରାଦରେ ହେବାକୁ ଥିବା ଏହି ୩ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କବିସୂର୍ଯ୍ୟନଗରଠାରୁ ନୂଆକନ୍ଧ ଖରିଡ଼ା ଭାୟା ଗଙ୍ଗାପୁର ରାସ୍ତାର ସଂଯୋଗୀକରଣ, ରାଜ୍ୟ ରାଜପଥ ୩୦ଠାରୁ ଅର୍ଜୁନ ପଲ୍ଲୀଠାରୁ ଇଟିପୁର ରାସ୍ତା ଓ ପୂର୍ତ୍ତ ବିଭାଗ ରାସ୍ତାଠାରୁ ରତ୍ନପୁର ଏନ୍ଆର୍ ବଗଡ଼ ରାସ୍ତା ପର୍ଯ୍ୟନ୍ତ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହି ରାସ୍ତା କାର୍ଯ୍ୟକୁ ଏକ ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବିଧାୟକ ନାୟକ କହିଛନ୍ତି। କବିସୂର୍ଯ୍ୟନଗର ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପୀତାମ୍ବର ସେଠୀ, ଆରଡି ଜେଇ ଗିରିଶ ଚନ୍ଦ୍ର ନାୟକ, ଏସ୍‌ଡିଓ, ଚନ୍ଦ୍ର ଶେଖର ପ୍ରଧାନ, ବଡ଼ମହୁରି ସରପଞ୍ଚ ନାରାୟଣ ବେହେରା, ବୁଡାମ୍ବ ମଣ୍ଡଳ ସଭାପତି ବାବୁରାମ ବିଷୋୟୀ, ବାଉଁଶିଆ ସରପଞ୍ଚ ପ୍ରତିନିଧି ଗୌତମ ବୁଟୁ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ, ଉପାଧ୍ୟକ୍ଷାଙ୍କ ଦାୟିତ୍ୱ ଗ୍ରହଣ

ପାରଳାଖେମୁଣ୍ଡି,୧୦।୪ (ଗିରିଧାରୀ ପରିଚ୍ଛା) ଗଜପତି ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ କାମଦେବ ବଡ଼ନାୟକ ଓ ଉପାଧ୍ୟକ୍ଷା ରୂପେ ପଙ୍କଜିନୀ ଦଳାଇ ପରିଷଦ କାର୍ଯ୍ୟାଳୟରେ ପହଞ୍ଚି ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଭାଜପା ରାଜ୍ୟ ଉପସଭାପତି କେ. ନାରାୟଣ ରାଓ, ଜିଲା ସଭାପତି ନବ କିଶୋର ଶବର, ବରିଷ୍ଠ ନେତା ସିଏଚ. ସୀମାଦ୍ରି, ସାଧାରଣ ସମ୍ପାଦକ ଜଗନ୍ନାଥ ମହାପାତ୍ର, କାଉନସିଲର ବିଭୂତି ଭୂଷଣ ବେହେରା, ନଗର ସଭାପତି ବାଳକୃଷ୍ଣ ପାତ୍ର ପ୍ରମୁଖ ଉଭୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଆଦିବାସୀ ଅଧ୍ୟୁଷିତ ଗଜପତି ଜିଲାରେ ଏଭଳି ଏକ ଗୁରୁ ଦାୟିତ୍ୱ ସରକାର ତାଙ୍କୁ ଦେଇଥିବାରୁ ସେ ଆଦିବାସୀଙ୍କ ଉନ୍ନତି ପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବେ ବୋଲି ଅଧ୍ୟକ୍ଷ କହିଛନ୍ତି।

# ବନ୍ଧ ପୁନରୁଦ୍ଧାର ନେଇ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଆଲୋଚନା

ଜି.ଉଦୟଗିରି,୧୦।୪(ଚିନ୍ମୟ କୁମାର ସେଠୀ)



ଜି.ଉଦୟଗିରି ଏନ୍ଏସି ବିଭିନ୍ନ ସମସ୍ୟା ଓ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ସ୍ଥାନୀୟ କାର୍ଯ୍ୟନିର୍ବବାହୀ ଅଧିକାରୀ ଆଶୁତୋଷ ଗୌରବ କରଙ୍କୁ ବୁଦ୍ଧିଜୀବୀ ସାକ୍ଷାତ କରି ଆଲୋଚନା କରିଛନ୍ତି। ବହୁ ବର୍ଷ ଧରି ବନ୍ଧ ପୁନଃରୁଦ୍ଧାର କାମ ହେଉ ନ ଥିବା ବେଳେ ଅଞ୍ଚଳବାସୀଙ୍କ ବିଭିନ୍ନ ସାମାଜିକ କାର୍ଯ୍ୟରେ ଅସୁବିଧା ହେଉଛି। ବନ୍ଧ ପୁନଃରୁଦ୍ଧାର ପାଇଁ ପୂର୍ବରୁ ପ୍ରାୟ ୧୭ ଲକ୍ଷ ଟଙ୍କାର ଟେଣ୍ଡର ହୋଇଥିବା ସତ୍ତ୍ୱେ କେବଳ ପ୍ରାୟ ୪ ଲକ୍ଷ ଟଙ୍କାର କାମ ହୋଇ ଅବଶିଷ୍ଟ କାମ ଅଧାରେ ରହିଯାଇଥିଲା। ଏବେ ପୁନର୍ବାର ବିଜ୍ଞପ୍ତି ଜାରି କରାଯାଇଥିବା ବେଳେ ଆସନ୍ତା କିଛି ମାସ ମଧ୍ୟରେ କାମ ହେବ ବୋଲି ସୂଚନା ମିଳିଛି। ବନ୍ଧ ଛକରେ ସାଧାରଣ ଲୋକଙ୍କ ପାଇଁ ପାନୀୟ ଜଳ ନିମନ୍ତେ ନଳକୂପ ଖନନ, ଚକରା ବିଷୟୀଙ୍କ ନୂତନ ପ୍ରତିମୂର୍ତ୍ତି ସ୍ଥାପନ, ହାଇ ମାକ୍ସ ଲାଇଟର ମରାମତି ଏବଂ ମିନି ହାଇ ମାଷ୍ଟ ଲାଇଟ୍ ସ୍ଥାପନ, ରେଷ୍ଟ ସେଡ୍ ନିର୍ମାଣ ଓ ଡ୍ରେନେଜ୍ ବ୍ୟବସ୍ଥା ସୁଧାର ପାଇଁ ବୁଦ୍ଧିଜୀବୀ ଦାବି କରିଛନ୍ତି। ଅଧିକାରୀଙ୍କ ସୂଚନାନୁଯାୟୀ, ଜି.ଉଦୟଗିରିର ୩ଟି ୱାର୍ଡରେ ମଶାଣି ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଛି। ସେହିପରି ପୁରାତନ ଟାଉନ ହଲ୍ ଠାରେ ଏକ ନୂତନ ଅଡିଟୋରିୟମ ନିର୍ମାଣ କରାଯିବ। ସହରର ବିଭିନ୍ନ ପାର୍କ ଗୁଡ଼ିକୁ ସୌନ୍ଦର୍ଯ୍ୟ କରଣ କରାଯିବ ବୋଲି ଅଧିକାରୀ କହିଛନ୍ତି। ଏହି ସାକ୍ଷାତକାର ସମୟରେ ସତ୍ୟନାରାୟଣ ଗୌଡ଼, ଦିବାକର ସାହୁ, ବିଷ୍ଣୁ ପ୍ରସାଦ ସାହୁ, ଶାନ୍ତନୁ ପ୍ରଧାନ, ମହମ୍ମଦ ଜିହାଉଦ୍ଦିନ, ଉଦେସନ ପ୍ରଧାନ, ମନମୋହନ ପ୍ରଧାନ ଓ ସାମନ୍ତ ଶେଖର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କେବୁଲ ପାଇଁ ରାସ୍ତାଖୋଳାକୁ ବିରୋଧ

ତୁମୁଡିବନ୍ଧ,୧୦।୪(ଦୀପକ କୁମାର ପରାସେଠ) ତୁମୁଡିବନ୍ଧ ବ୍ଲକ ସିର୍ଲା ପଞ୍ଚାୟତର ଟେକଲା ମିଳା ଘାଟିରେ ବିଏସ୍ଏନ୍ଏଲ୍ କେବୁଲ ବିଛା ପାଇଁ ରାସ୍ତା ଖୋଳାଯିବା ଫଳରେ ଯାତାୟାତରେ ବାଧା ସୃଷ୍ଟି ହେଉଛି। ସିର୍ଲା ପଞ୍ଚାୟତର ଅଧା ଗ୍ରାମ ଓ କୋଟଗଡ଼ ବ୍ଲକର ପାରିଗଡ଼ ପଞ୍ଚାୟତକୁ ସଂଯୋଗ କରୁଥିବା ଏହା ଏକମାତ୍ର ରାସ୍ତା। ଟେକଲା ମିଳା ଘାଟିଦେଇ ଉକ୍ତ ୨ଟି ପଞ୍ଚାୟତକୁ ଏହି ରାସ୍ତା ସଂଯୋଗ କରୁଛି। ହେଲେ ସେହି ଘାଟି ଜାଗାର ଅଣ ଓସାରିଆ ରାସ୍ତାରେ କେବୁଲ ବିଛେଇବା ପାଇଁ ଖୋଳି ଦିଆଯାଇଛି। ଫଳରେ ୨ଟି ପଞ୍ଚାୟତକୁ ଯାତାୟାତରେ ଅସୁବିଧା ହେଉଛି। ଏହାକୁ ନେଇ ଗ୍ରାମବାସୀ ବିରୋଧ କରିବାରୁ ଠିକାଦାର ବେଖାତିର କରୁଛନ୍ତି। ବିଭାଗୀୟ ଅଧିକାରୀଙ୍କ ଅଜଣାତରେ ଏହି ରାସ୍ତା ଖୋଳା କାର୍ଯ୍ୟ ଚାଲିଛି। ରାସ୍ତା ପାର୍ଶ୍ୱରୁ ସାଢ଼େ ପାଞ୍ଚ ଫୁଟ ଦୂରତାରେ ଏହି କାର୍ଯ୍ୟ କରିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଛି ଏବଂ ସରକାରୀ ନିୟମ ଅନୁସାରେ କେବୁଲ ବିଛା କାର୍ଯ୍ୟ ହେଉନାହିଁ। ଏହାକୁ ନେଇ ୨ ପଞ୍ଚାୟତର ଗ୍ରାମବାସୀ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ଏହି ବାବଦରେ ଟେକଲା ମିଳା ଗ୍ରାମର ୱାର୍ଡ଼ ମେମ୍ବର ସୁଶୀଲ ପାଟମାଝୀଙ୍କୁ ପଚାରିବାରୁ ସେ ଏହା ଘାଟି ଜାଗାର ଅଣଓସରିଆ ରାସ୍ତା ହୋଇଥିବାରୁ ରାସ୍ତାରୁ ପାର୍ଶ୍ୱଠାରୁ ସାଢ଼େ ପାଞ୍ଚ ଫୁଟ ଛାଡି ଖୋଳି କେବୁଲ ବିଛାଇ କାମ କରିବା କଥା, କିନ୍ତୁ ଠିକାଦାର ପୁରା ରାସ୍ତାକୁ ମିଶାଇ ଖୋଳି ଚାଲିଛି। ଏଥିଯୋଗୁ ଅବଶ୍ୟକ ସମୟରେ ଗ୍ରାକୁ ଆମ୍ବୁଲାନ୍ସ ମଧ୍ୟ ଆସି ପାରୁନାହିଁ। ବର୍ଷା ଦିନେ ଖୋଳା ଯାଇଥିବା ରାସ୍ତା ଧୋଇ ହୋଇ ଯାତାୟାତରେ ବନ୍ଦ ହୋଇଯିବ ବୋଲି ଅଭିଯୋଗ କରି କହିଛନ୍ତି। ସିର୍ଲା ସରପଞ୍ଚ ନୁସୁଙ୍ଗା ପାଟମାଝୀ କହିଛନ୍ତି ସରକାରଙ୍କ ନିର୍ଦ୍ଦେଶକୁ ପୁରା ବେଖାତିରି କରି ନିଜ ସୁବିଧା ଅନୁସାରେ ରାସ୍ତା ଖୋଳି ଠିକାଦାର କାର୍ଯ୍ୟ କରୁଛନ୍ତି। ଫଳରେ ୨ପଞ୍ଚାୟତର ଗ୍ରାମବାସୀ ମାନେ ଯାତାୟାତରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛୁ। ବିଭାଗୀୟ ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କେଲେ ଆନ୍ଦୋଳନ କରିବୁ ବୋଲି କହିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ଶିବ ନାରାୟଣ ସେଠୀଙ୍କୁ ପଚାରିବାରୁ ସେ ସମ୍ପୃକ୍ତ ଠିକାଦାର ଆମ ବିଭାଗକୁ ଚିଠି ମାଧ୍ୟମରେ ଜଣାଇନାହିଁ କି ବିଭାଗ ପକ୍ଷରୁ ଅନୁମତି ନେଇ ନାହିଁ ବୋଲି କହିଛନ୍ତି। ଏହି ବାବଦରେ ପଚାରିବାକୁ ଠିକାଦାରଙ୍କୁ କଲ କଲେ ସେ ଫୋନ ଉଠାଉ ନାହାନ୍ତି।



## ପୁଣି ଜଣେ ଟ୍ରେନ୍ ଯାତ୍ରୀଙ୍କ ମୃତ୍ୟୁ

ବ୍ରହ୍ମପୁର, ୧୦।୪( ସୁବାସ ଚନ୍ଦ୍ର ପାଢ଼ୀ)

ଟ୍ରେନରେ ଯାତ୍ରା କରୁଥିବା ଝାଡ଼ଖଣ୍ଡ ଅଞ୍ଚଳର ୨ ଯୁବକଙ୍କ ୩ ଦିନ ମଧ୍ୟରେ ମୃତ୍ୟୁ ଘଟିଛି। ମୃତକ ହେଲେ ଝାରଖଣ୍ଡ ହାତ କମାରିଆ ଥାନା ଅଞ୍ଚଳର ଅର୍ଜୁନ ଗାଗରାଇ (୨୪) ଓ କୁନଓ୍ୱା କୋହରା(୪୨) । ଅର୍ଜୁନଙ୍କ ହୃଦଘାତରେ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ପୋଲିସ ମୃତଦେହ ଜବତ କରି ନଂ.୨୦/୨୬ରେ ମାମଲା ରୁଜୁ କରିଛି। ଅର୍ଜୁନ କିଛି ସମ୍ପର୍କୀୟଙ୍କ ସହ ଚେନ୍ନାଇରେ ଏକ କମ୍ପାନୀରେ କାମ କରୁଥିଲେ। ସେ ତାଙ୍କ ସମ୍ପର୍କୀୟ ପୁତୁରା ରସିକା କୋଡାଙ୍କ ସହ ଯୋଧପୁର ସୁପର ଫାଷ୍ଟଟ୍ରେନରେ ଘରକୁ ଫେରୁଥିଲେ। ବୁଧବାର ରାତିନ୍ର ଇଚ୍ଛାପୁର ରେଳଷ୍ଟେସନ ପରେ ଅର୍ଜୁନ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ଅଚେତ ହୋଇପଡିଥିଲେ। ଟ୍ରେନଟି ବ୍ରହ୍ମପୁରରେ ପହଞ୍ଚିବା ପରେ ତାଙ୍କୁ ପ୍ଲାଟଫର୍ମକୁ ଅଣାଯାଇଥିଲା। ପରେ ରେଳବାଇ ଡାକ୍ତର ସେଠାରେ ପହଞ୍ଚି ଅର୍ଜୁନଙ୍କର ଚିକିତ୍ସା କରିବା ବେଳେ ତାଙ୍କର ମୃତ୍ୟୁ ଘଟିଥିବା କହିଥିଲେ। ସେହିପରି ଝାରଖଣ୍ଡ ଅଞ୍ଚଳର କୁନଓ୍ୱା କୋହରା(୪୨) ତାଙ୍କ ସାଙ୍ଗ ସହ ବିଶାଖାପାଟଣା ଯାଇଥିଲେ। ସେମାନେ ବୁଧବାର ଭାସ୍କୋଡ଼ଗାମା-ଶାଳୀମାର ଟ୍ରେନରେ ଭୁବନେଶ୍ୱର ଫେରୁଥିବାବେଳେ ତାଙ୍କ ସ୍ୱାସ୍ଥ୍ୟ ଖରାପ ହେବା ସହ ଇଚ୍ଛାପୁର ନିକଟରେ ସେ ଅଚେତ ହୋଇପଡ଼ିଥିଲେ। ସେହି ଟ୍ରେନଟି ବ୍ରହ୍ମପୁର ପହଞ୍ଚିବା ପରେ ବୁଧବାର ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ନଂ. ୧୯/୨୬ ରେ ଅପମୃତ୍ୟୁ ମାମଲା ରୁଜୁ କରିଥିଲା।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ଭାଲିଡେଶନ ଆକ୍ଟକୁ ବିରୋଧ

ଦିଗପହଣ୍ଡି,୧୦।୪(ଅଶେଷନାଥ ମିଶ୍ର)

ଦିଗପହଣ୍ଡିସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଶୁକ୍ରବାର ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସଂଘ ସଭାପତି ଡ. ଯୁଧିଷ୍ଠିର ସ୍ୱାଇଁ ଅଧକ୍ଷତା କରିଥିଲେ। ଆଇନଜୀବୀ ଅଶେଷ ନାଥ ମିଶ୍ର ନିମନ୍ତ୍ରିତ ଅତିଥିଭାବେ ମଞ୍ଚାସୀନ ଥିଲେ। ସୁଷମା ପାଠୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସମ୍ପାଦକ କେ.ନାଗେଶର ରାଓ ଗତ ବୈଠକର ବିବରଣୀ ପାଠ କରିଥିଲେ। ଗତ ୨୦୨୫ ମାର୍ଚ୍ଚ ୨୫ରେ କେନ୍ଦ୍ର ସରକାର ସଂସଦରେ ଅର୍ଥ ବିଲ୍ ପାରିତ ସମୟରେ ତରବରିଆ ଭାବେ ଭାଲିଡେଶନ ଆକ୍ଟ ପାରିତ କରାଇଥିଲେ। ଦେଶର କୋଟି କୋଟି ପେନ୍‌ସନଭୋଗୀଙ୍କ ପେନ୍‌ସନ ବ୍ୟବସ୍ଥାକୁ ସଙ୍କୁଚିତ କରାଯିବା ସହ ସେମାନଙ୍କ ମଧ୍ୟରେ ବିଭାଜନ ସୃଷ୍ଟି କରିବା ପାଇଁ ଏହି ଆକ୍ଟ ପ୍ରଣୟନ କରାଯାଇଛି ବୋଲି ସଂଘ କର୍ମକର୍ତ୍ତାମାନେ ଅଭିଯୋଗ କରିଥିଲେ। ସଂଘ ଉପସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ସହ ସମ୍ପାଦକ ଭବାନୀ ପ୍ରସାଦ ପାଢ଼ୀ, କାର୍ଯ୍ୟକର୍ତ୍ତା ପଦ୍ମଚରଣ ମେକାପ, ଭାସ୍କର ପାଢ଼ୀ, ଜନାର୍ଦ୍ଦନ ପଣ୍ଡାଙ୍କ ସହ ୪୩ ସଦସ୍ୟ ଉପସ୍ଥିତ ଥିଲେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ନିଯୁକ୍ତି ମେଳା

ବ୍ରହ୍ମପୁର ୧୦।୪ (ସୁବାଷ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏମବିଏ ବିଭାଗରେ ଶୁକ୍ରବାର ନିଯୁକ୍ତି ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜାପାନର ଷ୍ଟାର ୟୁନିୟନ ଇଚି ଜୀବନବୀମା କମ୍ପାନୀ ପକ୍ଷରୁ ନିଯୁକ୍ତି ମେଳା ହୋଇଥିଲା। ଏଥିରେ କମ୍ପାନୀ ପକ୍ଷରୁ ଓଡ଼ିଶା ଶାଖାର ଏଚ ଆର ମୁଖ୍ୟ ଆଶିଷ ପଣ୍ଡା ଏବଂ ବ୍ରହ୍ମପୁର ଶାଖାର ସୋୟାଇବ ଅହମ୍ମଦ ଯୋଗ ଦେଇ ୨ ଟି ପର୍ଯ୍ୟାୟରେ ଚୟନ କରି ଚାରି ଜଣ ଛାତ୍ରୀ ଇଲା ପାତ୍ର,ବର୍ଷାରାଣୀ ଦାଶ,ସିଗ୍ଧା ପାଣି,ଦୀପ୍ତିମୟୀ ପ୍ରଧାନଙ୍କୁ ୟୁନିୟନ ବ୍ୟାଙ୍କରେ କାର୍ଯ୍ୟ କରିବା ପାଇଁ ମନୋନୀତ କରିଥିଲେ। ଏଥିରେ ଏମବିଏ ବିଭାଗର ୨୦ ଜଣ ଛାତ୍ର,ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏହାକୁ ପ୍ଲେସମେଟ ଅଫିସର ଡ.ସୁମନ କଲ୍ୟାଣ ଚୌଧୁରୀ ପରିଚାଳନା କରିଥିବା ବେଳେ ବିଭାଗୀୟ ମୁଖ୍ୟ ଡ.ସୁନୀଲ କୁମାର ପ୍ରଧାନ ଉପସ୍ଥିତ ଥିଲେ।

## ଲୋକକଳା ପାଇଁ ଦିନଟିଏ

ପାତ୍ରପୁର,୧୦।୪(ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ ପ୍ରଶାସନ ପକ୍ଷରୁ ସମ୍ମିଳନୀ କକ୍ଷଠାରେ ଶୁକ୍ରବାର ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିର ମୁଖ୍ୟ ଅତିଥି ଭାବେ ପାତ୍ରପୁର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ପ୍ରଧାନ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ବ୍ଲକ୍ କଳା ସଂସ୍କୃତି ସଂଘ ଉପ ସଭାପତି ମାଧବ ବାଡତ୍ୟା, ସିପି ଦେବାଶିଷ ପ୍ରଧାନ, ବିଏଲସି ଦିନବନ୍ଧୁ ପ୍ରଧାନ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ଲୋକ କଳାକାର ନିଜର କଳା ପ୍ରଦର୍ଶନ କରିଥିଲେ।

# ବ୍ରହ୍ମପୁର ପାଟର ଅଧିକ ପ୍ରଚାରପ୍ରସାର ଆବଶ୍ୟକ

## ରେଶମ ସହର ମହୋତ୍ସବ ଓ ସୁଭଦ୍ରା ଶକ୍ତି ମେଳାର ପଞ୍ଚମ ସନ୍ଧ୍ୟା



ପଞ୍ଚମ ସନ୍ଧ୍ୟାରେ ଉପସ୍ଥିତ ଅତିଥି ।



ସତ୍ୟଜିତ୍ ପ୍ରଧାନ

ବ୍ରହ୍ମପୁର,୧୦।୪(ଅଶୋକ କୁମାର ସାହୁ)

ଗଞ୍ଜାମ ଜିଲ୍ଲା କଳା, ସଂସ୍କୃତିରେ ପରିପୂର୍ଣ୍ଣ। ଏହାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ରେଶମ ମହୋତ୍ସବ ଏକ ପ୍ରକୃଷ୍ଟ ମଞ୍ଚ ବୋଲି ରେଶମ ସହର ମହୋତ୍ସବ ଓ ସୁଭଦ୍ରା ଶକ୍ତି ମେଳାର ଶୁକ୍ରବାର ପଞ୍ଚମ ସନ୍ଧ୍ୟାରେ ଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗଦେଇ କହିଛନ୍ତି। ସରକାରଙ୍କ ବିକଶିତ ଓଡିଶା ଓ ବିକଶିତ ଭାରତ ଲକ୍ଷ୍ୟ ପୂରଣରେ ଗଞ୍ଜାମ ଜିଲା ଏକ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିବ ବୋଲି ସେ ପ୍ରକାଶ କରିଥିଲେ। ବ୍ରହ୍ମପୁର ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ ଅନ୍ୟମ ଅତିଥି ଭାବେ ଯୋଗଦେଇ କହିଥିଲେ ବ୍ରହ୍ମପୁର ପାଟ ସ୍ୱତନ୍ତ୍ର। ପରବର୍ତ୍ତୀ ପିଢ଼ିଙ୍କୁ ବ୍ରହ୍ମପୁର ପାଟ ପ୍ରତି ଆକର୍ଷିତ କରିବାକୁ ହେଲେ ଏଥିରେ ଆଉ ନୂତନତ୍ୱ ଆଣିବା ସହିତ ଏହାର ଆହୁରି ଅଧିକ ପ୍ରଚାର ପ୍ରସାରର ଆବଶ୍ୟକତା ରହିଛି। ତା ସହିତ ସହରରେ ଏକ ପ୍ରଶିକ୍ଷଣ କେନ୍ଦ୍ରର ଆବଶ୍ୟକତା ରହିଛି ବୋଲି ମେୟର କହିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଜିଲାପାଳ ଭି. କୀର୍ତ୍ତି ଭାସନ, ବ୍ରହ୍ମପୁର ମହାନଗର ନିଗମ କମିଶନର ଏ, ଶସ୍ୟା ରେଡ୍ଡୀ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଗଞ୍ଜାମ ସ୍ୱଦେଶୀ ଜାଗରଣ ମଞ୍ଚର ଉପଦେଷ୍ଟା ଇଂ ସିମାଞ୍ଚଳ ଦାସ, ବିଡିଏ ସମ୍ପାଦକ ରମେଶ ହାଁସଦା, ବିଏମସି ଉପ ଆୟୁକ୍ତ କଲ୍ୟାଣୀ ସଂଘମିତ୍ରା ଏବଂ ବ୍ରହ୍ମପୁର ମହାନଗର ନିଗମର କର୍ପୋରେଟରମାନେ ଉପସ୍ଥିତ ଥିଲେ । ବ୍ରହ୍ମପୁର ସହରର ସାମଗ୍ରିକ ବିକାଶରେ ଉଲ୍ଲେଖନୀୟ ଅବଦାନ କରିଥିବା ନିଗମର ସମସ୍ତ କର୍ପୋରେଟରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ଡେପୁଟି ମେୟର ରେଡ୍ଡୀ ଓ ଅନ୍ୟ ଅତିଥିମାନେ ପୁରସ୍କୃତ କରିଥିଲେ । ସତ୍ୟଜତ୍ ପ୍ରଧାନ ଏବଂ ସହଯୋଗୀଙ୍କ ସୁମଧୁର ସଂଗୀତରେ ଦର୍ଶକମାନେ ବିମୋହିତ ହୋଇଥିଲେ । ଶ୍ରୀନୃତ୍ୟ କଳାକେନ୍ଦ୍ର ଜଗନ୍ନାଥ ପ୍ରସାଦ ଦ୍ୱାରା ଓଡିଶୀ ନୃତ୍ୟ, ଉତ୍କଳିକା କଳା ନିକେତନ ବ୍ରହ୍ମପୁର ଦ୍ୱାରା ବନ୍ଦେ ଉତ୍କଳ ଜନନୀ, ଅୟାନୀ ଡ୍ୟାନ୍ସ ଏକାଡେମୀ ବ୍ରହ୍ମପୁର ଆଦି ସହ ଛତ୍ରପୁର କଳାକାରଙ୍କ ଆଧୁନିକ ନୃତ୍ୟ, ମା ଆଦିଶକ୍ତି ଢେମସା ଗ୍ରୁପ କୋରାପୁଟ ଦ୍ୱାରା ଢେମସା ନୃତ୍ୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଏଥିସହ ନିକୁଞ୍ଜ ହୋତା ନିର୍ଦ୍ଦେଶିତ, ରାକେଶ କୁମାର ପାଢ଼ୀ ପ୍ରାଯୋଜିତ, ଅର୍ଲିନ ଅଙ୍କିତା, ଶୁଭ୍ରାଂଶୁ, ସୁଶାନ୍ତ ଅଭିନୀତ ଓଡ଼ିଆ ଚଳଚିତ୍ର "ମେହେରମୁଣ୍ଡା" ପ୍ରଦର୍ଶିତ ହୋଇଥିଲା।

# ପାରଳା ସହର କଳା ଓ ସଂସ୍କୃତିର ଭଣ୍ଡାର



ପାରଳାଖେମୁଣ୍ଡି,୧୦।୪ (ଗିରିଧାରୀ ପରିଚ୍ଛା)

**ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ**

ଗଜପତି ଜିଲ୍ଲା ସଦର ପାରଳାଖେମୁଣ୍ଡିସ୍ଥିତ ପୌରପରିଷଦ ପକ୍ଷରୁ ପୌର ପରିଷଦ ସମ୍ମିଳନୀ କକ୍ଷରେ ଲୋକ କଳାପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୌର ଅଧକ୍ଷା ନିର୍ମଳା ସେଠୀ ଏଥିରେ ଅଧ୍ୟକ୍ଷତା କରି ଆମ କଳା ଆମ ପରିଚୟ। କଳାକୁ ବୃତ୍ତି ଭାବେ ଗ୍ରହଣ କରି ଯେଉଁ କଳାକାରମାନେ ଲୋକ କଳା ଓ ସଂସ୍କୃତିକୁ ବଞ୍ଚାଇ ରଖୁଛନ୍ତି ସେମାନଙ୍କୁ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ପାରଳା ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଲୋକକଳା ଓ ଲୋକ ସଂସ୍କୃତିକୁ ଉଜ୍ଜୀବିତ କରି ରଖିଥିବା ୬ ଜଣ ବରିଷ୍ଠ କଳାକାରଙ୍କୁ ଉପଢୌକନ ଓ ପ୍ରମାଣପତ୍ର ଦେଇ ସମ୍ମାନିତ କରିଥିଲେ। ଏହି ଅବସରରେ ବିଧାୟକ କହିଥିଲେ, ପାରଳାଖେମୁଣ୍ଡି ସହର କଳା ଓ ସଂସ୍କୃତିର ଭଣ୍ଡାର। ଏଠି ସାହି ସାହିରେ କଳା ସଂସ୍କୃତିକୁ ପ୍ରାୟ ସବୁ ଘରେ ପାଇବେ । ଶିଙ୍ଘ କାମ, ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ଏଭଳି ବିଭିନ୍ନ କ୍ଷେତ୍ରରେ ପାରଳାଖେମୁଣ୍ଡି ସୁନାମ ଅର୍ଜନ କରିଛି। ପାରଳା ମହାରାଜା ମଧ ଏ ସବୁକୁ ଉତ୍ସାହିତ କରି ଆସୁଥିଲେ । ଅନ୍ୟତମ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ପୌର ନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ, ଉପାଧ୍ୟକ୍ଷା ଲେଙ୍କା ମଧୁ ଉପସ୍ଥିତ ଥିଲେ। ସମ୍ମାନିତ ହୋଇଥିବା ବରିଷ୍ଠ କଳାକାରମାନେ ହେଲେ କଣ୍ଠଶିଳ୍ପୀ ନୃସିଂହ ପ୍ରସାଦ ପାଢ଼ୀ, ମଞ୍ଚ ଅଭିନେତା ନୃସିଂହ ଚରଣ ପଟ୍ଟନାୟକ, କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ରଘୁନାଥ ପାତ୍ର,ମଞ୍ଚ ନିର୍ଦ୍ଦେଶକ ଦେବେନ୍ଦ୍ର ଦାସ, ନୃତ୍ୟ ନିର୍ଦ୍ଦେଶକ ଭି: ହେମଗିରି, ପାଇକ ଆଖଡ଼ାରେ କଳାକର ତିରୁପତି ପାତ୍ର।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଗୋପାଳପୁର,୧୦।୪(ନବୀନ ରାଜ ଆଚାରୀ)

ଗୋପାଳପୁର ଥାନା ଅନ୍ତର୍ଗତ ଆରୁଆପଲ୍ଲୀ ଗ୍ରାମର ଜଣେ ଯୁବକଙ୍କ ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ସେ ହେଲେ ଆରୁଆପଲ୍ଲୀ ଗ୍ରାମର ସୁଦାମ ଦାସ (୨୨)। ସୁଦାମ ଓ ତାଙ୍କ ସାଙ୍ଗ କାହ୍ନୁ ଚରଣ ସାବତ ଗୁରୁବାର ତରେଇଗଞ୍ଜୁ ଦଣ୍ଡନାଚର ସନ୍ଧ୍ୟା ଆଳତୀ ଦେଖି ଏକ ବାଇକ୍ ଯୋଗେ ଦ୍ରୁତ ଗତିରେ ଫେରିବା ବେଳେ ଭାରସାମ୍ୟ ହରାଇ ଗାଡ଼ିରୁ ପଡ଼ି ଯାଇଥିଲେ। ଫଳରେ ପଛରେ ବସିଥିବା ସୁଦାମଙ୍କ ମୁଣ୍ଡରେ ଆଘାତ ହେବାରୁ ଅଚେତ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ନେଇ ଭଉଣୀ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ନଂ. ୧୯୧/୨୬ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର ହୋଇଛି।

## ବିଏମ୍‌ସି ଷ୍ଟଲ୍‌ରୁ ଭଡ଼ା ଆଦାୟ ପାଇଁ ଚଢ଼ାଉ ଜାରି ରହିବ

ବ୍ରହ୍ମପୁର,୧୦।୪(ଅଶୋକ କୁମାର ସାହୁ)

ବ୍ରହ୍ମପୁର ସହରରେ ଥିବା ୯୬୯ ବିଏମସି ଷ୍ଟଲରୁ ୪୪୩ ଷ୍ଟଲ ପର୍ଯ୍ୟାପ୍ତ ଭଡା ବାକି ଅଛନ୍ତି। ସେମାନଙ୍କୁ ନୋଟିସ ଦେଇ ଦେଇ ବିଏମସି ଥକିଯିବା ପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଗୁରୁବାର ଗୁରୁବାର ଷ୍ଟଲଗୁଡିକରୁ ୨ ଲକ୍ଷ ୫୨ ହଜାର ୬୦୦ ଟଙ୍କା ସଂଗୃହୀତ ହୋଇଥିବାବେଳେ ଶୁକ୍ରବାର ୬ ଲକ୍ଷ ୪୩ ହଜାର ଆଦାୟ ହୋଇଛି ବୋଲି ଆସିଷ୍ଟାଣ୍ଟ କମିଶନର ରୋନିତ କୁମାର କହିଛନ୍ତି। ୪୫ ଷ୍ଟଲରୁ ମୋଟ ୮ ଲକ୍ଷ ୯୬ ହଜାର ଟଙ୍କା ସଂଗ୍ରହ ହୋଇଛି। ଏହି ଚଢ଼ାଉ ଜାରି ରହିବ ବୋଲି ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ ପ୍ରକାଶ କରିଛନ୍ତି।

# ମହିଳାଙ୍କୁ ଅଶ୍ଳୀଳ ଇଙ୍ଗିତ, ସ୍ୱାମୀଙ୍କୁ ଛୁରାମାଡ଼

ହିଞ୍ଜିଳିକାଟୁ, ୧୦।୪(ଦ୍ୱିତୀକୃଷ୍ଣ ପଣ୍ଡା)- ହିଞ୍ଜିଳି ଥାନା ଅଞ୍ଚଳରେ ବୁଧବାର ରାତିରେ ଦଣ୍ଡ ଯାତ୍ରାରେ ଜଣେ ମହିଳାଙ୍କୁ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରାଯାଇଥିଲା। ଏହାର ପ୍ରତିବାଦ କରିବାରୁ ମହିଳାଙ୍କ ସ୍ୱାମୀଙ୍କୁ ଛୁରା ମାଡ଼ ହୋଇଥିବା ମହିଳା ଜଣଙ୍କ ଗୁରୁବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୯୨/୨୬ରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଘଟଣାରେ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ ହିଞ୍ଜିଳି ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମର ଭରତ ଦାସ । ତାଙ୍କୁ ଶେରଗଡ କୋର୍ଟ ଚାଲାଣ ଚାଲାଣ କରାଯାଇଛି। ରାମଚନ୍ଦ୍ରପୁର ଗାଁରେ ବୁଧବାର ରାତିରେ ଦଣ୍ଡ ଯାତ୍ରା ଚାଲିଥିଲା। ସେହି ଗାଁର ଝିଅ ତଥା ହିଞ୍ଜିଳିକାଟୁ ପୌରାଞ୍ଚଳ ନୂଆଁଗଡ ଗାଁରେ ବିବାହ କରିଥିବା ମହିଳା ମାମି ସ୍ୱାମୀ ଶିବ ଦାସଙ୍କ ସହ ଯାତ୍ରା ଦେଖିବାକୁ ଯାଇଥିଲେ। ସେଠାରେ ଭରତ ମାମିଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଏହାକୁ ଶିବ ବିରୋଧ କରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଭରତ ଶିବଙ୍କୁ ଛୁରାରେ ମରଣାନ୍ତକ ଆକ୍ରମଣ କରିଥିଲେ।

## ୪୩ ଘରୋଇ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଜବତ

ଆର.ଉଦୟଗିରି,୧୦।୪(ମନୋଜ କୁମାର ପାଢୀ )

ପାରଳାଖେମୁଣ୍ଡି ଉପଜିଲାପାଳ ତଥା ଜିଲା ଯୋଗାଣ ଅଧିକାରୀ ଅନୁପ ପଣ୍ଡାଙ୍କ ନିର୍ଦ୍ଦେଶରେ ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର କଳାବଜାର କରାଯାଉଥିବା ନେଇ ଆସୁଥିବା ଅଭିଯୋଗକୁ ଭିତ୍ତି କରି ଗଜପତି ଜିଲାର ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି। ଶୁକ୍ରବାର ଆର୍.ଉଦୟଗିରି ବ୍ଲକ ସଦର ଓ ଛେଳିଗଡଠାରେ ଚଢାଉ ହୋଇଥିଲା। ଛେଳିଗଡ ଗ୍ରାମର ଶଶିକାନ୍ତ ପଟ୍ଟନାୟକ ଅନେକ ଗ୍ୟାସ ସିଲିଣ୍ଡର ଗଚ୍ଛିତ ରଖିଥିବା ସୂଚନାକୁ ଭିତ୍ତି କରି ଚଢାଉ କରାଯାଇଥିଲା। ତାଙ୍କ ଘରୁ ୪୩ଟି ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ଯୋଗାଣ ବିଭାଗ ଜବତ ହୋଇଥିଲା ।

## ଜିଲାସ୍ତରୀୟ ସି.ଏମ୍. କପ୍ ଉଦ୍‌ଘାଟିତ



ଷ୍ଟାଡିୟମରେ ଚାଲିଥିବା ଫୁଟବଲ ଖେଳ।

ବ୍ରହ୍ମପୁର, ୧୦।୪(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସ୍ଥିତ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଶୁକ୍ରବାର ଜିଲାସ୍ତରୀୟ ସି.ଏମ କପ ୨୦୨୬ ଦ୍ୱିତୀୟ ସଂସ୍କରଣ ଉଦଘାଟିତ ହୋଇଯାଇଛି। ଫୁଟବଲ ଓ କବାଡି ମ୍ୟାଚ ଉଭୟ ବାଳକ ଓ ବାଳିକା ବର୍ଗ ରେ ଖେଳ ଯାଇଥିଲା। ଫୁଟବଲ ପ୍ରଥମ ମ୍ୟାଚ ସେଣ୍ଟ ଜାଭିଅର ଓ ସୋଡ଼ାକ ଟାଇଗର ବାଳକ ମଧ୍ୟରେ ହୋଇଥିଲା। ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ସମ୍ମାନିତ ଅତିଥି ରୂପେ ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର, ବିଏମସି କମିଶନର ଏ. ଶସ୍ୟା ରେଡି, ଜିଲା କ୍ରୀଡା ଅଧିକାରୀ ତାପସ କୁମାର ସାମଲ ଏବଂ ଗଞ୍ଜାମ ଜିଲା କ୍ରୀଡା ସଙ୍ଘ ସଦସ୍ୟ ଓ ବରିଷ୍ଠ ଖେଳାଳି ଏଲ. କେ ରାଓ, ଡି. ଆପା ରାଓ, ବିଜୟ କୁମାର ପଟ୍ଟନାୟକ, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି.ଡି ଗନ୍ତାୟତ,ଜି. ଏମ. ବାବୁ, ପ୍ରମୋଦ ମହାରଣା, ରାଜ ନାରାୟଣ ପାତ୍ର ଓ ଗଞ୍ଜାମ ଜିଏ କ୍ରୀଡା ସଙ୍ଘର ଅନ୍ୟାନ୍ୟ ସଦସ୍ୟ ଯୋଗଦେଇଥିବା ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ କହିଛନ୍ତି।

## ରାୟଗଡ଼ା ଜିଲାର ୮ହଜାର ଉପଭୋକ୍ତା ଉପକୃତ

ବ୍ରହ୍ମପୁର,୧୦।୪(ସୁବାସ ଚନ୍ଦ୍ର ପାଢ଼ୀ)

ଟିପିଏସଓଡିଏଲ ପକ୍ଷରୁ ୩୩/୧୧ କେଭି, ୧୨.୫/୧୬ଏମଭିଏ ଟ୍ରାନ୍ସଫର୍ମର ଅଟୋନଗର ପାୱାର ସବ-ଷ୍ଟେସନ (ପିଏସଏସ)ରେ ସ୍ଥାପନ କରାଯାଇଛି । ନୂତନ ଭାବରେ ସ୍ଥାପନ ହୋଇଥିବା ଏହି ଟ୍ରାନ୍ସଫର୍ମର ବର୍ତ୍ତମାନ ୧୧କେଭି ଟାଉନ ୩ ଫିଡରକୁ ବିଦ୍ୟୁତ ଯୋଗାଣ କରିବ । ଏଥିଯୋଗୁଁ ରାୟଗଡା ଜିଲାର ବହୁ ଘରୋଇ ଉପଭୋକ୍ତା, ସରକାରୀ କାର୍ଯ୍ୟାଳୟ ସମେତ ପ୍ରମୁଖ ଜିଲ୍ଲା ପ୍ରଶାସନର ସୁବିଧା ମିଳୁଥିବା ଅଞ୍ଚଳ ସହିତ ପ୍ରାୟ ୮,୦୦୦ ଉପଭୋକ୍ତା ଉପକୃତ ହୋଇପାରିଛନ୍ତି । ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଟିପିଏସଓଡିଏଲ ଏଭଳି ପଦକ୍ଷେପ ନେଇଇଛି । ରାୟଗଡ଼ା ଜିଲାର ବିଦ୍ୟୁତ ଭିତ୍ତିଭୂମି ଏହା ଦ୍ୱାରା ସୁଦୃଢ଼ ହେବ। ଏ ସମ୍ପର୍କରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ଦକ୍ଷିଣ ଓଡ଼ିଶାର ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଟିପିଏସଓଡିଏଲ ପ୍ରତିବଦ୍ଧ ।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ନୂତନ କୁଳପତିଙ୍କ ଦାୟିତ୍ୱ ଗ୍ରହଣ



ନୂଆ କୁଳପତି ଅସୀମା ସାହୁଙ୍କୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ର.ଗୀତାଞ୍ଜଳି ଦାସ ଦାୟିତ୍ୱ ହସ୍ତାନ୍ତର କରୁଛନ୍ତି।

ବ୍ରହ୍ମପୁର, ୧୦।୪( ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଖଲିକୋଟ ଏକକ ବିଶ୍ୱ ବିଦ୍ୟାଳୟର କୁଳପତି ଭାବେ ଶୁକ୍ରବାର ପ୍ରଫେସର ଅସୀମା ସାହୁ ଯୋଗଦେବା ପରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ନୂଆ କୁଳପତିଙ୍କୁ ସମସ୍ତେ ସ୍ୱାଗତ କରିଥିଲେ। ବିଶ୍ୱବିଦ୍ୟାଳୟର ଖାଲି ପଡ଼ିଥିବା ଅଧ୍ୟାପକ ପଦବୀ ପୂରଣ ଏବଂ ବିଭିନ୍ନ ବିଭାଗର ପୁନଃ ସ୍ଥାପନ ପାଇଁ ପଦକ୍ଷେପ ନେବେ ବୋଲି ସେ କହିଥିଲେ। ଖଲ୍ଲିକୋଟ କଲେଜ ବିଶ୍ୱବିଦ୍ୟାଳୟ ଘୋଷଣା ହେବା ପରେ ପ୍ରଥମ କୁଳପତି ଭାବେ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ୨୦୨୧ ଅଗଷ୍ଟ ୧ ରୁ ୨୦୨୪ ଜାନୁଆରୀ ୩୧ ଯାଏଁ କାର୍ଯ୍ୟ ନିର୍ବାହ କରିଥିଲେ। ପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାସଙ୍କୁ ଦାୟିତ୍ୱ ଦିଆ ଯାଇଥିଲା। ଶୁକ୍ରବାର ନୂତନ କୁଳପତି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ପ୍ରଫେସର ଅସୀମା ସାହୁ ନୂଆ କୁଳପତି ହୋଇଛନ୍ତି। ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟକୁ ରାଜ୍ୟ ଓ ଜାତୀୟ ସ୍ତରରେ ଅଧିକ ସୁପରିଚିତ କରିବା ପାଇଁ ସେ ସମସ୍ତଙ୍କ ସହଯୋଗ ଆଶା କରିଛନ୍ତି। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ସମୂହ ଅଧକ୍ଷ ଡ.ମନୋଜ ପଟ୍ଟନାୟକ, କୁଳସଚିବ ପାର୍ବତୀ ମଞ୍ଜରୀ ମହାଲିକ, ଛାତ୍ର କଲ୍ୟାଣ ଅଧିକାରୀ ଉଷା ରାଣୀ ରଥଙ୍କ ସହ ସମସ୍ତ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ପ୍ଲେ ଟ୍ରିନିଟୀ ମଣ୍ଟେସୋରି ସ୍କୁଲର ନୂତନ ଗୃହର ଶୁଭାରମ୍ଭ



କାର୍ଯ୍ୟକ୍ରମରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବ୍ରହ୍ମପୁର,୧୦।୪(ସୁବାସ ଚନ୍ଦ୍ର ପାଢ଼ୀ)

ପୂରାତନ ପ୍ଲେ ଟ୍ରିନିଟୀ ମଣ୍ଟେସୋରି ସ୍କୁଲ ଗଜପତି ନଗର ତୃତୀୟ ଲାଇନ ସମ୍ପ୍ରସାରଣ ଗଳକୁ ସ୍ଥାନାନ୍ତର ହେବା ପରେ ନୂଆ ଗୃହର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଅତିଥି ମାନଙ୍କ ଉପସ୍ଥିତିରେ ସାଂସ୍କୃତିକ କାଯ୍ୟକ୍ରମ ଓ ସମ୍ବର୍ଦ୍ଧନା ଉତ୍ସବ ହୋଇଥିଲା । ମିନାକ୍ଷୀ ନଗର୍ ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଅଧ୍ୟକ୍ଷ କାହ୍ନୁ ଚରଣ ପଣ୍ଡା, ଚେୟାରମେନ ପ୍ରିୟମ୍ୱଦା ଦାସ, ସଂପାଦକ କୁନାଲ କୌଶିକ ପଣ୍ଡା, ନିର୍ଦ୍ଦେଶକ ରାହୁଲ ରାଜ ପଣ୍ଡା , ସିଆରସିସି ଭଗବାନ ବିଶ୍ୱାଳ, ପୋଷ୍ଟାଲ ମୁଖ୍ୟ ଡାକଘର ପାସପୋର୍ଟ ଅଫିସର ପ୍ରତାପ ଚନ୍ଦ୍ର ସ୍ୱାଇଁ , ଅବସରପ୍ରାପ୍ତ ଆର୍ମି ହାବିଲଦାର ସୀମାଞ୍ଚଳ ବାରିକ, ରଙ୍ଗେଇଲୁଣ୍ଡା ବିଇଓ ଦେବେନ୍ଦ୍ର ବେହେରା ପ୍ରମୁଖ ଅତିଥି ଥିଲେ । ଶିକ୍ଷୟିତ୍ରୀ ରଶ୍ମିତା ଦଳାଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ଦଣ୍ଡନାଚରେ ଅପସଂସ୍କୃତିର ଅନୁପ୍ରବେଶ ରୋକି ହେଉନି

ବ୍ରହ୍ମପୁର,୧୦।୪(ସୁବାସ ଚନ୍ଦ୍ର ପାଢ଼ୀ)



ଦଣ୍ଡ ନାଚରେ ମଉଳି ଯାଉଛି ସାଂସ୍କୃତିକ ବୈଭବର ସ୍ୱର। ଦଣ୍ଡନାଚ ଏକ କଠୋର ତପସ୍ୟା । ଏହା କେବେ ବି ମନୋରଞ୍ଜନ କିମ୍ବା ମାନଭଞ୍ଜନ ପାଇଁ ନୁହେଁ । କିନ୍ତୁ ଏହା ଏବେ ଅପସଂସ୍କୃତିର କେନ୍ଦ୍ରବିନ୍ଦୁ ଓ ମନୋରଞ୍ଜନର ମାଧ୍ୟମ ପାଲଟିଯାଇଛି। କେଉଁଠି ଦୁଇ ଦଣ୍ଡଦଳ ମଧ୍ୟରେ ଗଣ୍ଡଗୋଳ ବି ଦେଖିବାକୁ ମିଳୁଛି, ଯାହାକି ଅକ୍ଷମଣୀୟ ବୋଲି ସଂସ୍କୃତି ପ୍ରେମୀମାନେ ମତ ଦେଇଛନ୍ତି।

ବହୁ ପୁରୁଣା କାଳରୁ ଆଧ୍ୟାତ୍ମିକ ବିଶ୍ୱାସ ସହ ନିଷ୍ଠାରେ ଋଷି ପୁତ୍ରମାନେ ଏହି ପରମ୍ପରାକୁ ମାନି ଧୂଳିଦଣ୍ଡ, ଅଗ୍ନିଦଣ୍ଡ, ପାଣିଦଣ୍ଡ କରନ୍ତି। ସାରା ବିଶ୍ୱରେ ଏଭଳି ନିଷ୍ଠା ସାଧନା ବିରଳ। ତେବେ ବର୍ତ୍ତମାନର ଦଣ୍ଡନାଚରେ ଅଶ୍ଳୀଳ ଦ୍ୱିଅର୍ଥ ବୋଧକ ଶବ୍ଦ ପ୍ରୟୋଗ ଓ ଅସୁସ୍ଥ ପରମ୍ପରା ଯେଭଳି ଭାବେ ଦେଖିବାକୁ ମିଳୁଛି ତାହା ବିରୋଧରେ ସ୍ୱର ଉତ୍ତୋଳନ କରିବା ଜରୁରୀ। ଏ ନେଇ ଅଭିଯୋଗ ହେବା ପରେ ଜିଲା ପ୍ରଶାସନ ଓ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଏକ ସର୍କୁଲାର ଜାରି ହୋଇଥିଲା। ସର୍କୁରାଲ ତା' ବାଟରେ ଥିବାବେଳେ ଏପଟେ ଦଣ୍ଡନାଚରେ ଅପସଂସ୍କୃତିକୁ ରୋକି ହେଉନି। କାର୍ଯ୍ୟାନୁଷ୍ଠାନର ଅଭାବ ହିଁ ଏହାର କାରଣ ବୋଲି କୁହାଯାଇପାରେ। ଦଣ୍ଡନାଚ ଭଳି ପାରମ୍ପରିକ ପବିତ୍ର ସାଧନାର ଧାରାରେ ଯେଉଁ ଧାର୍ମିକ ଚେତନା ଥିଲା ସେସବୁ ବୁଝିବା ପାଇଁ ଅସମର୍ଥ ଚରିତ୍ର ସଂପ୍ରତି କେତେଜଣ ଅସାମାଜିକଙ୍କୁ ଆଣି କଳା ନାମରେ ପରିବେଷଣ କରିବା ନିନ୍ଦନୀୟ ବୋଲି କହିଛନ୍ତି ସଂସ୍କୃତି ଓ ଭାଷା ଗବେଷକ ଡା. ସାଗର ରଞ୍ଜନ ତ୍ରିପାଠୀ। ଋଷିପୁତ୍ର ମାନେ ମାନସିକ କରି ସମସ୍ତ ପ୍ରକାର କଡା ଅନୁଶାସନ ବିଧି ବିଧାନ କରି ନିଜକୁ ସମର୍ପଣ କରି ଦିଅନ୍ତି। ଏକୋଇଶି ଦିନ କିମ୍ବା ତେର ଦିନ ଧରି ଯେଉଁ ସାଧନା କରନ୍ତି ମା'ଙ୍କ କୃପା ଦୃଷ୍ଟି ରହିଥାଏ। ନିଜକୁ ସମର୍ପିତ କରି ଋଷି ପୁତ୍ରମାନେ କେଉଁ ଆବାହମାନ କାଳରୁ ପ୍ରତିବଦ୍ଧତା ସହିତ ଗୋଟିଏ ବିଶ୍ୱାସ ଓ ବିଶାଳ ସଂସ୍କୃତିକୁ ଜୀବିତ ରଖି ଆସିଛନ୍ତି। ଏପରିସ୍ଥଳେ ଆଧୁନିକତାର ସ୍ପର୍ଶ ଦେଇ ଆଧ୍ୟାତ୍ମିକ ଚିନ୍ତା ଚେତନାକୁ ପଙ୍ଗୁ କରିବା ପାଇଁ ସାହସ ଦେଲା କିଏ ବୋଲି ପ୍ରଶ୍ନ କରିଛନ୍ତି ସାମାଜିକ କର୍ମୀ ରାଜେନ୍ଦ୍ର କୁମାର ପଣ୍ଡା। କେତେଜଣ କଳାକାର ଜୀବନ ଜୀବିକାର ଦ୍ୱାହି ଦେଇ ଆଧ୍ୟାତ୍ମିକ ମଞ୍ଚରେ ଅପସଂସ୍କୃତି ପରିବେଷଣ କରିବା ଦୁର୍ଭାଗ୍ୟଜନକ। ଅନ୍ୟପଟେ ଏଥିପ୍ରତି ଦର୍ଶକମାନଙ୍କ ପ୍ରତିବାଦ ମଧ୍ୟ ରହୁନାହିଁ। ତେଣୁ ଏହା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦରକାର ବୋଲି ସଂସ୍କୃତି ଗବେଷକ ତ୍ରିପାଠୀ ଓ ସାମାଜିକ କର୍ମୀ ପଣ୍ଡା ଦାବି କରିଛନ୍ତି।

